ଆମେ ପାଠଶାଠ ପଢ଼ିଛେ ସତ, କିନ୍ତୁ ଆମ ଆଚରଣରେ ଏଯାଏ ଶୁଦ୍ଧତା ଆସିନି । ପାଠ ଆମକୁ ମାର୍ଜିତ କରିଛି ବୋଲି କେମିତି କହିବା ? ସାକ୍ଷରତା ହାର ବଢ଼ିଛି ବୋଲି କେମିତି କହିବା ? ଶିକ୍ଷା ମଣିଷକୁ ଭଦ୍ର, ମାର୍ଜିତ କରାଏ । ସମାଜରେ କିଭଳି ବଞ୍ଚିବାକୁ ହୁଏ ତାହା ଚେତାଇ ଦିଏ । ହେଲେ ପାଠଶାଠ ପଢ଼ି ଯଦି ଆମର ଆଚାର ବ୍ୟବହାରର ଶୋଧନ ନହେଲା ସେ ପାଠର ମୂଲ୍ୟ କ'ଣ ? ଆମେ ସେମାନଙ୍କୁ ସାକ୍ଷର ବୋଲି କେମିତି କହିପାରିବା ? ଜଙ୍ଗଲରେ ରହୁଥିବା ମଣିଷମାନେ ତ ସହରୀ ମଣିଷଙ୍କଠାରୁ ଅଧିକ ସଚେତନ, ନିରକ୍ଷର ହେଲେ ମଧ୍ୟ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ    ଭୁବନେଶ୍ୱର    ୨୩ ମାର୍ଚ୍ଚ, ୨୦୨୩    ଗୁରୁବାର

# ଓଡ଼ିଶା ଏକ୍ସପ୍ରେସ୍


## ସହରୀ ମଣିଷଙ୍କ ପାଖରେ ସଚେତନତାର ଅଭାବ ବେଶି

ଗାଁଲୋକେ ରାସ୍ତାକଡ଼ରେ ଏବଂ ଏଣେତେଣେ ମଳତ୍ୟାଗ କରୁଥିଲେ ଦିନେ । ଏବେ ସଚେତନ ହେଲେଣି । ଘରେ ଘରେ ପାଇଖାନା କଲେଣି । ବାହ୍ୟ ମଳତ୍ୟାଗମୁକ୍ତ ଗାଁ ତାଲିକାରେ ଏବେ ଅନେକ ଗାଁ । ସହରୀ ମଣିଷମାନେ ତ ଅନେକ ଦିନରୁ ଏବାବଦରେ ସଚେତନ । ସେମାନେ ପାଠୁଆ, ତେଣୁ ପରିଚ୍ଛନ୍ନ । ପରିମଳ ପ୍ରତି ଅଧିକ ସଚେତନ । ପାଇଖାନା ବ୍ୟବହାର କରିବାରେ ଅଭ୍ୟସ୍ତ । ଆଜିକାଲି ନୂଆ ଘରଟିଏ କଲେ ପାଇଖାନା ଖର୍ଚ୍ଚ ସବୁଠୁ ଅଧିକ । କିନ୍ତୁ ଆମେ କ'ଣ କହିପାରିବା ସହରୀ ଲୋକମାନେ ଗ୍ରାମାଞ୍ଚଳ ଲୋକଙ୍କଠାରୁ ସତରେ ଅଧିକ ମାର୍ଜିତ ଏବଂ ସଚେତନ? ସହରୀ ଲୋକେ ନିଜେ ପାଇଖାନା ବ୍ୟବହାର କରନ୍ତି ସତ କିନ୍ତୁ ସେମାନଙ୍କ ଦାମୀ ବିଦେଶୀ କୁକୁରକୁ ରାସ୍ତାକଡ଼ରେ ଏବଂ ଅନ୍ୟ ଲୋକର ଗେଟ୍ ଆଗରେ କିମ୍ବା ପାଚେରି କଡ଼ରେ ମଳତ୍ୟାଗ କରାଇବାକୁ ସାମାନ୍ୟ ଅସହଜ ମନେକରନ୍ତି ନାହିଁ । କହିଲେ ମଧ୍ୟ ଶୁଣନ୍ତିନି । ଏଇ କାରଣରୁ ଅନେକ ଭଦ୍ରଲୋକ ମାନସିକ ଅଶାନ୍ତି ଭୋଗନ୍ତି ସହରରେ । ପାଠଶାଠ ପଢ଼ିଥିବା ଅନେକ ସଚେତନ ଭଦ୍ରବ୍ୟକ୍ତିମାନେ ହିଁ ଏଇଭଳି ଅମାର୍ଜିତ କାର୍ଯ୍ୟ କରିଥାନ୍ତି ।

ଏଭଳି ମାନସିକତାକୁ ଆମେ କ'ଣ କହିପାରିବା? ଏହାକୁ ରୁଚିର ଅଭାବ ବୋଲି କହିବା ଠିକ୍ ହେବ । ଆମେ ପାଠଶାଠ ପଢ଼ିଛେ ସତ, କିନ୍ତୁ ଆମ ଆଚରଣରେ ଏଯାଏ ଶୁଦ୍ଧତା ଆସିନି । ପାଠ ଆମକୁ ମାର୍ଜିତ କରିଛି ବୋଲି କେମିତି କହିବା ? ସାକ୍ଷରତା ହାର ବଢ଼ିଛି ବୋଲି କେମିତି କହିବା? ଶିକ୍ଷା ମଣିଷକୁ ଭଦ୍ର, ମାର୍ଜିତ କରାଏ । ସମାଜରେ କିଭଳି ବଞ୍ଚିବାକୁ ହୁଏ ତାହା ଚେତାଇ ଦିଏ । ହେଲେ ପାଠଶାଠ ପଢ଼ି ଯଦି ଆମର ଆଚାର ବ୍ୟବହାରର ଶୋଧନ ନହେଲା ସେ ପାଠର ମୂଲ୍ୟ କ'ଣ? ଆମେ ସେମାନଙ୍କୁ ସାକ୍ଷର ବୋଲି କେମିତି କହିପାରିବା? ଜଙ୍ଗଲରେ ରହୁଥିବା ମଣିଷମାନେ ତ ସହରୀ ମଣିଷଙ୍କଠାରୁ ଅଧିକ ସଚେତନ, ନିରକ୍ଷର ହେଲେ ମଧ୍ୟ ।

ଆଗକୁ ବିଏମ୍ସି ପକ୍ଷରୁ ପୋଷା କୁକୁର ରଖିବା ଉପରେ ମାର୍ଗଦର୍ଶିକା ଜାରି ହେବାକୁ ଯାଉଛି । ପୋଷା କୁକୁର ରଖିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ମାଲିକଙ୍କ ପାଇଁ କେତେକ ମାର୍ଗଦର୍ଶିକା ଜାରି କରାଯିବ । ଏହାକୁ ପାଳନ ନକଲେ ଜରିମାନା ଗଣିବାକୁ ପଡ଼ିବ । ଏ ମାର୍ଗଦର୍ଶିକା ମଧ୍ୟରେ ରହିଛି– କୁକୁରକୁ ରାସ୍ତାକଡ଼ରେ ମଳତ୍ୟାଗ ନକରାଇବା । ଏହାର ବ୍ୟତିକ୍ରମ ହେଲେ ୧୦ ହଜାର ଟଙ୍କାର ଜରିମାନା ବ୍ୟବସ୍ଥା ମଧ୍ୟ ରହିବ । ଏଥିସହିତ କୁକୁରର ପଞ୍ଜୀକରଣ କରାଇବାକୁ ହେବ । ପଞ୍ଜୀକରଣ ଦେୟ ୫ଶହ ଟଙ୍କା ରଖାଯିବ । କୁକୁର ବେକରେ ଟ୍ୟାଗ୍, ଫିତା, ଶିକୁଳି ଆଦି ନଥାଇ ବାହାରକୁ ନଆଣିବା, କୁକୁର ମରିଯିବା ପରେ ଏଣେତେଣେ ନ ଫିଙ୍ଗି ନିର୍ଦ୍ଧାରିତ ସ୍ଥାନରେ ନିୟମ ଅନୁଯାୟୀ ପୋତିବା ଭଳି ନିୟମ ମାର୍ଗଦର୍ଶିକାରେ ରହିଛି ।

ଏଇଭଳି ନିୟମ ଏବଂ ମାର୍ଗଦର୍ଶିକା ଅନ୍ୟାନ୍ୟ ପୌରପାଳିକାରେ ମଧ୍ୟ ଲାଗୁ କରାଯିବା ଉଚିତ୍ ବୋଲି ଯେକେହି କହିବେ । ଏବେ ଘରେ ବିଦେଶୀ କୁକୁର ରଖିବା ଏକ ଷ୍ଟାଟସ୍ ସିମ୍ବଲ ହୋଇଗଲାଣି, ଯାହା ଅନ୍ୟମାନଙ୍କ ପାଇଁ ବେଳେ ଅସହ୍ୟ ମଧ୍ୟ ହୋଇଥାଏ । ତେଣୁ ପ୍ରତିଟି ସହରରେ ପୋଷା କୁକୁର ରଖିବା ଉପରେ ପୌରପାଳିକାର ମାର୍ଗଦର୍ଶିକା ରହିବା ଉଚିତ୍ ।

# ତଥ୍ୟର ମରୁଡ଼ି-ସତ୍ୟର ମଡ଼କ!!

**ସତ କହିବାକୁ କିଆଁ ଡରିବି**

**ଅମ୍ବିକା ପ୍ରସାଦ ଦାସ**

> ସେ ଧୋବ ଫରଫର ଶିକ୍ଷିତ ଠକ ହୁଅନ୍ତୁ କି ଅଶିକ୍ଷିତ ଠକ ହୁଅନ୍ତୁ ସେମାନଙ୍କୁ ସାବାଡ଼ କରିବା ପାଇଁ ଆଇନର ରକ୍ଷକମାନେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର । ନଚେତ୍ ଭାରତୀୟ ପିଙ୍ଗଳ କୋଡ୍‌ରେ ଯେତେ ଦଫା ଥିଲେ ବି ଏବର ବହୁଳ ପ୍ରସାରିତ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ଭଦ୍ରଲୋକଙ୍କ ଚରିତ୍ର ହନନ ପ୍ରକ୍ରିୟା ବଳବତ୍ତର ରହିଥିବ । ଅକାଳରେ ଅନେକେ ଆତ୍ମହତ୍ୟା କରୁଥିବେ ।

ସେଦିନ ଆମର ଜଣେ ପଡ଼ୋଶୀଙ୍କ ଏକ ହ୍ୱାଟ୍ସଆପ୍ ମେସେଜ୍ ହସ୍ତଗତ ହେଲା । ସେଥିରେ ଲେଖାଥିଲା– ମୁଖ୍ୟମନ୍ତ୍ରୀ ତାଙ୍କ ଦଳର ଅଧିବେଶନ ବେଳେ ଦଳୀୟ ନେତା ଓ କର୍ମୀମାନଙ୍କ ବେକରେ ୫୦ ଗ୍ରାମ୍‌ର ସୁନାଚେନ୍ ପକାଉଛନ୍ତି । ଏଇ ଦୃଶ୍ୟ ଥିବା ଭିଡିଓଟି ମଧ୍ୟ ମୋ' ପାଖକୁ ସେ ପଠାଇଥିଲେ ।

ମୁଁ ତାକୁ ଦେଖି ଅକାଶରୁ ପଡ଼ିଲି । ଏଇଟା କ'ଣ ସତରେ ସମ୍ଭବ ? ଦଳୀୟ ଅଧିବେଶନରେ ୧୫ହଜାର ପ୍ରତିନିଧି ଯୋଗ ଦେଇଥିଲେ । ଯଦି ଜଣକୁ ଅଢ଼େଇଲକ୍ଷ ଟଙ୍କାର ସୁନା ଚେନ୍ ସେ ପିନ୍ଧାନ୍ତି ତେବେ ଆମ ଦେଶର ସବୁଠୁ ବଡ଼ ଧନୀ ଲୋକର ବି ଗୋଟାଏ ଦିନରେ ଧନ ସରିଯିବ ।

ଏପରି ଭିଡିଓ ପ୍ରସାରିତ ହେଉଛି କେମିତି ? ଏ ଘଟଣାର ଯାଞ୍ଚ କରିବାକୁ ନିଷ୍ପତ୍ତି ନେଲି । ଯାଞ୍ଚରୁ ଜଣାପଡ଼ିଲା, ସେ ଯେଉଁ ସୁନା ଚେନ୍ କଥା କହୁଥିଲେ ତାହା ସୁନା ଚେନ୍ ନୁହେଁ, ତାହା ଏକ ଗଛର କାଠିରେ ପ୍ରସ୍ତୁତ ମାଳ, ଯାହା ସୁନା ପରି ପ୍ରତୀୟମାନ ହେଉଥିଲା, ଆଖିକୁ ସୁନ୍ଦର ଦେଖା ଯାଉଥିଲା । ଏହି ମାଳ ସେଠା ଲୋକଙ୍କ ପାଇଁ ଆଭିଜାତ୍ୟର ସଂକେତ । କିନ୍ତୁ ଏ ଘଟଣାକୁ ଏପରି ଢଙ୍ଗରେ ସୋସିଆଲ୍ ମିଡିଆରେ ଛଡ଼ା ଯାଇଥାଏ ଯିଏ ଦେଖିବ ଓ ଶୁଣିବ ସାଙ୍ଗେ ସାଙ୍ଗେ କହିବ– ଏ ମୁଖ୍ୟମନ୍ତ୍ରୀ ପରମ ଲାଞ୍ଚୁଆ । ଇଏ ଆଉ ୟାଙ୍କ ଦଳ ଏତେ ପଇସା ଖାଇଛନ୍ତି ଯେ, ସୁନା ଚେନ୍ ବାଣ୍ଟି ଅହଂକାରରେ ଫାଟି ପଡୁଛନ୍ତି !

ଆଜିକାଲି ସୋସିଆଲ୍ ମିଡିଆର ଅବସ୍ଥା ଯାହା ଯିଏ ଯେଉଁଠି ଯାହା ପାଇଲା ସେଥିରେ କେତେ ସତ କେତେ ମିଛ, ତା' ଭିତରକୁ ନଯାଇ ନିମିଷକ ଭିତରେ ଇଏ ତା' ପାଖକୁ ସିଏ ୟା' ପାଖକୁ ପଠେଇଦେଲା । ଘଣ୍ଟାକ ଭିତରେ ଲକ୍ଷାଧିକ ଲୋକଙ୍କ ପାଖରେ ପହଞ୍ଚିଗଲା ଏ ଖବର । ମିଛର ଭୟଙ୍କର ଭେଳିକି !

ସୁନା ଚେନ୍ ବଣ୍ଟା ରିପୋର୍ଟ ହସ୍ତଗତ ହେଲା ପରେ ଆମର ସେଇ ପଡ଼ୋଶୀଙ୍କୁ ମୁଁ ଏ ବିଶ୍ଳେଷଣ ପଠେଇଥିଲି ସେଦିନ । ସେ ସାଙ୍ଗେ ସାଙ୍ଗେ ତାଙ୍କ ଉତ୍ତରରେ କହିଲେ– ହଁ ସତରେ ତ ! ଯଦି ପ୍ରକୃତରେ କେହି ୫୦ ଗ୍ରାମ୍‌ର ସୁନା ଚେନ୍ କାହାକୁ ପିନ୍ଧାଏ ଏବଂ ଏଇ ଧରଣର ହଜାର ହଜାର ଲୋକଙ୍କୁ ଦିଏ ତା'ହେଲେ ସିଏ ତ କାଙ୍ଗାଳ ହୋଇଯିବ !

ମୁଁ ଲେଖିଲି– ସେଇଠି ତ ଅସୁବିଧା । ଆମେ ପାଉଥିବା ଭିଡିଓ ବା ସୂଚନା କେତେଦୂର ଠିକ୍ ସେ ସମ୍ପର୍କରେ ବୁଝିବାକୁ ଚେଷ୍ଟା କରୁନା । ଯୁକ୍ତିକୁ ଯିବା ତ ଦୂରର କଥା !

ସେ ଲେଖିଲେ– ରକ୍ଷା ହେଇଛି, ମୁଁ କୌଣସି ଗ୍ରୁପ୍‌ରେ ପକାଇନି । ଗ୍ରୁପ୍‌ରେ ପକେଇଥିଲେ ମାଡ଼ ଖାଇବା ଥୟ ଥିଲା ।

ଏକ ଗ୍ରୁପ୍ ଆଡ୍‌ମିନ୍‌ଙ୍କ ସହ ଦିନେ କଥା ହେଉଥିଲି । ସିଏ ମୋତେ ତାଙ୍କ ଗ୍ରୁପ୍‌ରେ ରଖିଛନ୍ତି । ମୁଁ ପଚାରିଲି– ଏ ଗ୍ରୁପ୍‌ଟା ସୃଷ୍ଟି କରିଥିଲେ କ'ଣ ପାଇଁ, ଆଉ ଏଠି କ'ଣ ଚାଲିଛି ? ଯିଏ ଯାହା ପାରୁଛି, ଯାହାକୁ ଖୁସି ଲାଗୁଛି ସିଏ ତା'ର ପ୍ରିୟ ଲୋକଙ୍କର ସ୍ତୁତିଗାନ କରୁଛି ଏବଂ ପ୍ରିୟଜନଙ୍କ ବିରୋଧୀଙ୍କୁ ଭୁଲ୍ ସୂଚନା ଆଧାରରେ ପ୍ରତିଦିନ ଅଦାଛେଚା କରୁଛି । ଆପଣ କ'ଣ ପାଇଁ ତା'ର ଏପରି ଆଚରଣକୁ ଅନୁମତି ଦେଉଛନ୍ତି ?

ସେ ତାଙ୍କ ଅସହାୟତା ପ୍ରକାଶ କଲେ । କହିଲେ– ଆଜ୍ଞା ! ବାରମ୍ବାର କହିଲେ ବି ଶୁଣୁନାହାନ୍ତି କିଛି ଲୋକ । ସେମାନେ ଏଇ ପ୍ଲାଟ୍‌ଫର୍ମକୁ ତାଙ୍କ ପ୍ରଚାରର ଆୟୁଧ କରିବାକୁ ଚାହୁଁଛନ୍ତି । ଆମେ ଆମ ସଂସ୍ଥା ସମ୍ପର୍କିତ ସୂଚନା ଦେବା ଲାଗି ଏଇ ଗ୍ରୁପ୍ ତିଆରି କରିଥିଲୁ । କିନ୍ତୁ ଏହା ସେଇ ଲକ୍ଷ୍ୟରେ ବ୍ୟବହାର ହେବା ବଦଳରେ ଏବେ କିଏ କୋଉ ଦଳର ନେତାଙ୍କ ସ୍ତୁତିଗାନ ପାଇଁ ବ୍ୟସ୍ତ ହୋଇପଡୁଛି ତ ଆଉ କିଏ ବିରୋଧୀ ପକ୍ଷଙ୍କୁ ଭୁଲ୍ ଏବଂ ଅତିରଞ୍ଜନ ଥିବା ବାର୍ତ୍ତା ଆଧାରରେ ଯେତେ ପାରୁଛି ବାଡ଼େଇବାକୁ ଚେଷ୍ଟା କରୁଛି ।

ମୁଁ କହିଲି– ଆପଣ ଏଇ ଧରଣର ଲୋକଙ୍କୁ ଆଡ୍‌ମିନ୍ ତାଲିକାରୁ ବାଦ୍ ଦେଉନାହାନ୍ତି କାହିଁକି ? ସେମାନେ ଆଉ ମନ୍‌ମାନି କରିପାରନ୍ତେନି !

ସେ କହିଲେ– ନା । ସେଇଟା କ'ଣ ସମ୍ଭବ?

ମୁଁ କହିଲି– ତା'ହେଲେ ସାମ୍ପ୍ରଦାୟିକ ସଂପ୍ରୀତି ହାନି କାରଣରୁ ହେଉ କି କାହାରି ଚରିତ୍ର ସଂହାର କାରଣରୁ ହେଉ କେତେବେଳେ ଯଦି କିଏ ସାଇବର୍ ଥାନାରେ ଏତଲା ଦିଏ ଆପଣ ହିଁ ଗ୍ରୁପ୍ ସୃଷ୍ଟିକର୍ତ୍ତା ଭାବେ ଆଇନର କାଠଗଡ଼ାକୁ ଆସିବେ !

ଫୋନ୍ କାଟିଲି ମୁଁ । ଭାବୁଥିଲି ଏ ଦେଶରେ ଏତେ କଡ଼ା ଆଇନ ଥିବା ସତ୍ତ୍ୱେ ଲୋକେ ତାକୁ ମାନୁନାହାନ୍ତି କାହିଁକି ? ତା'ର ଏକମାତ୍ର ଓ ନିର୍ଭରଯୋଗ୍ୟ କାରଣ ହେଲା– ଆଇନ ଥିଲେ ବି ତା'ର କାର୍ଯ୍ୟାନ୍ୱୟନ କରି ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କର ମାନସିକତା ରହୁନାହିଁ । ଯେଉଁଠି ଉପରୁ ଚାପ ପଡୁଛି ସେଇଠି କିଛି ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉଛି, କିନ୍ତୁ ସେଇ ଧରଣର ଅପରାଧ ଲକ୍ଷ ଲକ୍ଷ ଲୋକ କରୁଥିଲେ ବି ଏ ସମ୍ପର୍କରେ ଆଇନର ରକ୍ଷାକର୍ତ୍ତାମାନେ ଜାଣୁଥିଲେ ଏବଂ ଦେଖୁଥିଲେ ସୁଦ୍ଧା କିଛି କରୁନାହାନ୍ତି । କାର୍ଯ୍ୟାନୁଷ୍ଠାନ ନହେବାରୁ ଫଳ ସ୍ୱରୂପ ଏବେ ସୋସିଆଲ୍ ମିଡିଆରେ ଏଇ ଧରଣର ଲୋକେ ରାଜ୍ କରୁଛନ୍ତି । ଅସମ୍ପୂର୍ଣ୍ଣ ଏବଂ ଭୁଲ୍ ସୂଚନା ଆଧାରରେ ଯାହାକୁ ପାରୁଛନ୍ତି ତାକୁ ସୋସିଆଲ୍ ପ୍ଲାଟ୍‌ଫର୍ମରେ ପ୍ରତିଦିନ ଆକ୍ରମଣ କରୁଛନ୍ତି । କଡ଼ା ଆଇନ ଥିବା ସତ୍ତ୍ୱେ ଏ ସବୁ ଲଗାମଛଡ଼ା କାମକୁ ନିୟନ୍ତ୍ରଣ କରାଯାଇପାରୁ ନାହିଁ ।

ଏଇ କିଛିଦିନ ହେବ ହ୍ୱାଟ୍ସଆପ୍‌ରେ ଅଶ୍ଳୀଳ ଭିଡିଓ ଛାଡ଼ି ଲୋକଙ୍କୁ ବ୍ଲାକ୍‌ମେଲ୍ କରୁଥିବା ର୍ୟାକେଟ୍ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ କରୁଥିବାର ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାରେ ଲାଗିଛି । ସାଇବର୍ ଥାନା ଏଥିପ୍ରତି ସତର୍କ ଦୃଷ୍ଟି ରଖିଥିବାର କୁହାଯାଉଛି । କିନ୍ତୁ ଥରେ ଭାବିଲେ, ଯେଉଁ ହ୍ୱାଟ୍ସଆପ୍ ନମ୍ବରରୁ ଲୋକଙ୍କୁ ବ୍ଲାକ୍‌ମେଲ୍ କରାଯାଉଛି, ସେଗୁଡ଼ିକ ଗୋଟିଏ କି ପଚାଶଟି ହେଉ, ଯଦି ସେଇ ନମ୍ବରକୁ ଆଧାର କରି ଗୋଟିଏଥର ବି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାନ୍ତା ତେବେ ସେମାନେ ଅଧିକ ଲୋକଙ୍କୁ ବ୍ଲାକ୍‌ମେଲ୍ କରିବାର ସୁଯୋଗ ପାଆନ୍ତେ କି ?

ଠକେଇର ଏବେ ନୂଆ ତରିକା– ଫେସ୍‌ବୁକ୍‌ରେ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଉଛନ୍ତି ଦଲାଲ୍ । ଦୈବାତ୍ କିଏ ଯଦି ଫ୍ରେଣ୍ଡ ରିକ୍ୟୁଏଷ୍ଟକୁ ଆକ୍‌ସେପ୍ଟ କରିନେଲା ତେବେ କଥା ସରିଲା । ମେସେଞ୍ଜର ବାଟେ ନମ୍ବର ଜାଣିବା ମାତ୍ରେ ସେ ନମ୍ବରକୁ ଆଧାର କରି ଆରମ୍ଭ ହୋଇଯାଉଛି ବ୍ଲାକ୍‌ମେଲିଂ ।

ଏଇ କିଛିଦିନ ତଳେ ଜଣେ ନୁହେଁ, ଅନେକଙ୍କ ପାଖକୁ ହ୍ୱାଟ୍ସଆପ୍ ଜରିଆରେ ବିଦ୍ୟୁତ୍ ବିଭାଗରୁ ମେସେଜ୍ ଆସୁଥିବାର ଦର୍ଶାଇ ଏତିକି ଟଙ୍କା ଏଇ ଲିଙ୍କ୍‌ରେ ପଠେଇବା ପାଇଁ ନିର୍ଦ୍ଦେଶ ଆସିଲା । ବିଦ୍ୟୁତ୍ କାଟ୍ ଆଶଙ୍କାରେ ଅନେକ ଲୋକ ଠକଙ୍କ ଶିକାର ହେଲେ । ଲିଙ୍କ୍‌କୁ ଯାଇ ବିପୁଳ ଟଙ୍କା ହରେଇଲେ । ଏ ବିଷୟରେ ଏଇ ସ୍ତମ୍ଭରେ ଥରେ ସପ୍ରମାଣ ତଥ୍ୟ ଦେଇଥିଲୁ ଆମେ । ଅବଶ୍ୟ ଘଟଣା ବହୁଳ ଭାବରେ ପ୍ରଚାରିତ ହେବା ପରେ ଏଇ ଠକଙ୍କ ବେପାର ଆଉ ବେଶୀଦିନ ଚାଲିଲାନି । ଏବେ ଆଉ ଏଇ ଧରଣର ମେସେଜ୍ ହ୍ୱାଟ୍ସଆପ୍‌କୁ ଆସୁନି । ତେବେ ସେମାନଙ୍କର ଠକେଇର ତରିକା କିନ୍ତୁ ବଦଳିଯାଇଛି । ତେଣୁ ଆଇନ ଯେତେ କଡ଼ା ହେଉନା କାହିଁକି, ଠକଙ୍କୁ ସାବାଡ଼ କରିବାକୁ ହେଲେ ମୂଳରୁ କାର୍ଯ୍ୟାନୁଷ୍ଠାନ ଦରକାର । ସେ ଧୋବ ଫରଫର ଶିକ୍ଷିତ ଠକ ହୁଅନ୍ତୁ କି ଅଶିକ୍ଷିତ ଠକ ହୁଅନ୍ତୁ ସେମାନଙ୍କୁ ସାବାଡ଼ କରିବା ପାଇଁ ଆଇନର ରକ୍ଷକମାନେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର । ନଚେତ୍ ଭାରତୀୟ ପିଙ୍ଗଳ କୋଡ୍‌ରେ ଯେତେ ଦଫା ଥିଲେ ବି ଏବର ବହୁଳ ପ୍ରସାରିତ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ଭଦ୍ରଲୋକଙ୍କ ଚରିତ୍ର ହନନ ପ୍ରକ୍ରିୟା ବଳବତ୍ତର ରହିଥିବ । ଅକାଳରେ ଅନେକେ ଆତ୍ମହତ୍ୟା କରୁଥିବେ । ଶିକ୍ଷିତ–ଅଶିକ୍ଷିତ ଠକ କିନ୍ତୁ ତାଙ୍କ କାରନାମା ଜାରି ରଖିଥିବେ । ଏଇ ସବୁ କାମ କଲେ ଠକାମିର ଶିକାର ହେବେ ବୋଲି ପ୍ରତିଦିନ ମୋବାଇଲ୍ ଫୋନ୍‌କୁ ସତର୍କ ସୂଚନା ଆସୁଥିବ । ହେଲେ ଠାକମି ଯେ ସେମିତି ଚାଲିଛି ଆଉ ଚାଲିଥିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

# ଭକ୍ତ ସେବକର ସ୍ୱରୂପ

**■ ତ୍ରିନାଥ ଓଝା ■**

ନିଜର ସମୟକୁ ଦେଖନ୍ତୁ। ସମସ୍ତେ ନିଜକୁ ଭକ୍ତ ବୋଲି କହୁଛନ୍ତି କିନ୍ତୁ ଯଥାର୍ଥ କଥା ହେଉଛି ଆମ୍ଭେମାନେ ଭକ୍ତ ନୋହୁଁ ଆମ୍ଭେମାନେ ହେଉଛୁ ଭଗବାନଙ୍କ ଆଶ୍ରିତ । ଅନେକ ପ୍ରଶ୍ନ କରନ୍ତି ଭକ୍ତ ଓ ଆଶ୍ରିତଙ୍କ ଭିତରେ ପାର୍ଥକ୍ୟ କ'ଣ? ଭକ୍ତ ହେଉଛି ସେହି ମହନୀୟ ବ୍ୟକ୍ତିତ୍ୱ ଯିଏ ତାଙ୍କ ଆଚରଣ ଓ ଉଚ୍ଚାରଣରେ ସମ୍ପୂର୍ଣ୍ଣ ରୂପେ ବିଭୁଙ୍କ ପାଦପଦ୍ମରେ ବିଲୀନ ହୋଇ ତାଙ୍କର ପ୍ରତିଟି ବାଣୀକୁ ନିଜ କାର୍ଯ୍ୟରେ ଅକ୍ଷର ଅକ୍ଷରେ ଅକ୍ଷରେ ପାଳନ କରିଥାନ୍ତି । କିନ୍ତୁ ଆଶ୍ରିତ ହେଉଛନ୍ତି ସେହିମାନେ ଯେଉଁମାନେ ଭଗବାନଙ୍କ ଆଶ୍ରାରେ ପଡ଼ି ରହି ନିଜ ବ୍ୟକ୍ତିନିଷ୍ଠ ଜୀବନକୁ ଦିବ୍ୟମୟ ଆଡ଼କୁ ଗଢ଼ିତୋଳିବା ପାଇଁ ପ୍ରଚେଷ୍ଟା ଜାରି ରଖିଥାନ୍ତି । ଆଜିର ଦୁନିଆରେ ଆମେ ବିଭୁଙ୍କ ପାଖରେ ସମର୍ପଣ ଭାବନା ଅନେକ ସମୟରେ କମ କରିଦେଉଛେ ଯାହାର ଫଳସ୍ୱରୂପ ଆମେ ଜଣେ ଯଥାର୍ଥ ଭକ୍ତଭାବେ ନିଜକୁ ଗଢ଼ି ତୋଳି ପାରୁନାହୁଁ । ଜୀବନକୁ ଦିବ୍ୟମୟ କରିବା ପାଇଁ ନିଜ ଇଷ୍ଟଙ୍କ ନିମିତ୍ତ ସମର୍ପଣ ଭାବନା ରଖି ଯେଉଁମାନେ ଜୀବନକୁ ଅତିବାହିତ କରନ୍ତି ଯେଉଁମାନଙ୍କ ଜୀବନର ମୁଖ୍ୟ ସାଧନା ହେଉଛି ପରୋପକାର ଓ ନିଜ ଭଗବାନଙ୍କର ପ୍ରତିଟି ବାଣୀକୁ ଜୀବନରେ କାର୍ଯ୍ୟରେ ପରିଣତ କରିବା। ତେବେ ଭକ୍ତି ଭାବନାରେ ଓ ଧୈର୍ଯ୍ୟ ଓ ସହନଶୀଳତା ହେଉଛି ଅନ୍ୟତମ ଶ୍ରେଷ୍ଠ ଗୁଣ । ଆମେ ଅନେକ ସମୟରେ ଅନେକ ଘାତପ୍ରତିଘାତ ଓ ପରୀକ୍ଷା ନିରୀକ୍ଷାକୁ ସାମ୍ନା କରିଥାଉ। ଭଗବାନ କଷଟି ପଥରରେ ଆମ ଭକ୍ତି, ସମର୍ପଣ ଓ ନୈବେଦ୍ୟର ଅନେକ ପରୀକ୍ଷା ନିରୀକ୍ଷା ମଧ୍ୟ କରିଥାନ୍ତି। ବିନୟୀ ଭଗବାନଙ୍କର ପ୍ରକୃତ ସେବକ। ଯିଏ ଶାନ୍ତିକାମୀ ସେ ଭଗବାନଙ୍କ ପ୍ରକୃତ ଭକ୍ତ । ଏଭଳି ଭକ୍ତ ସେବକ ମୂଢ଼କୁ ଭେଟିଲେ, ଦିବ୍ୟଜ୍ଞାନ ଦିଏ ଏବଂ ଜ୍ଞାନୀଙ୍କୁ ଭେଟିଲେ, ତାଙ୍କଠାରୁ ଉପଦେଶ ନିଏ । ବଦଖର୍ଚ୍ଚୀ ତଥା କୃପଣ ଭଗବାନଙ୍କ ସେବକ ନୁହେଁ। ଦୟାଳୁ ହୁଅ। କାହାକୁ ଠକନାହିଁ। ସର୍ବଦା ସଚ୍ଚୋଟ ରହ । ସର୍ବଦା ପ୍ରତିଶ୍ରୁତି ରକ୍ଷା କର । କାହାକୁ ପରିହାସ କରନାହିଁ । ସମସ୍ତଙ୍କୁ ସମ୍ମାନ ଦିଅ। ଯିଏ ଯାହା କହୁଛି ଭଲ ନ ଲାଗିଲେ ବି ଶୁଣ ଏବଂ ଶୁଣିସାରିବା ପରେ ଭଦ୍ରୋଚିତ ଭାବେ ଉତ୍ତର ଦିଅ। କାହା ପ୍ରତି କଟୁ ଭାଷା ପ୍ରୟୋଗ କରନାହିଁ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖ। ମିଥ୍ୟ କହନାହିଁ । କେହି ଅପମାନିତ କରିବାକୁ ଚେଷ୍ଟା କଲେ ରାଗ ନାହିଁ । ଅର୍ଥହୀନ ଯୁକ୍ତି–ତର୍କ, ଆଳାପ ଆଲୋଚନା କରନାହିଁ । କାହାର ଅମଙ୍ଗଳ କାମନା କରନାହିଁ । ସମସ୍ତଙ୍କୁ ବିଶ୍ୱାସ କର। କାହାକୁ ଅଯଥା ସନ୍ଦେହ କରନାହିଁ। ଅନ୍ୟ ଉପରେ ଗୁପ୍ତଚର ପରି ନଜର ରଖନାହିଁ। ଅନ୍ୟକୁ ଗାଳିଗୁଲଜ ନକରି ସତ୍‌ମାର୍ଗରେ ଚାଲିବାକୁ ଉପଦେଶ ଦିଅ। ତାହା ହେଲେ ଭଗବାନଙ୍କ ପ୍ରକୃତ ଭକ୍ତ ଓ ସେବକ ବୋଲାଇବ ।

*ଧବଳେଶ୍ୱରଗଡ଼ା, କଟକ*
*ମୋ. ୯୨୩୮୬୦୨୮୨୫*

# ସହିଦ ଏ ଆଜମ ଭଗତ ସିଂ

**■ ଅସିତ ମହାନ୍ତି ■**

ସହିଦ ଏ ଆଜମ ଭଗତ ସିଂ, ଅର୍ଥାତ ସହିଦମାନଙ୍କ ଭିତରେ ଅନନ୍ୟ । ଯାହାଙ୍କୁ ଇଂରେଜମାନଙ୍କ ସହିତ ଭାରତୀୟ ପୁଞ୍ଜିବାଦ ପକ୍ଷରେ ଥିବା ନେତାମାନେ ଭୟ କରୁଥିଲେ । କାରଣ ସେ କହିଥିଲେ– ଆମର ସଂଘର୍ଷ ସେତେଦିନ ପର୍ଯ୍ୟନ୍ତ ଚାଲୁ ରହିଥିବ, ଯେତେଦିନ ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ଶ୍ରମର ଶୋଷଣ ଚାଲୁରହିଥିବ ଏବଂ ଶୋଷକ ଇଂରେଜ ହୁଅନ୍ତୁ ବା ଭାରତୀୟ । ଏଥିରୁ ଏହା ସ୍ପଷ୍ଟ ଯେ ଭଗତ ସିଂ ଏକ ସମାଜବାଦୀ ସମାଜର କାମନା କରିଥିଲେ, ଯେଉଁଠାରେ ସମସ୍ତେ ସମାନ ଏବଂ ସମସ୍ତଙ୍କର ସମାନ ଅଧିକାର ହେବ । ୨୩ ମାର୍ଚ୍ଚ ୧୯୩୧ରେ, ସନ୍ଧ୍ୟା ୭:୨୧ରେ ଭଗତ ସିଂ, ସୁଖଦେବ ଏବଂ ରାଜଗୁରୁ ସ୍ଲୋଗାନ ଦେଇଥିଲେ– 'ବିପ୍ଳବ ଦୀର୍ଘଜୀବୀ ହେଉ (Long live revolution) । ସାମ୍ରାଜ୍ୟବାଦ–ପୁଞ୍ଜିବାଦ ମୁର୍ଦାବାଦ (Down with imperialism-capitalism)'ର ସ୍ଲୋଗାନ । 'ସାହସର ସହିତ କହି ପୁନର୍ବାର ସ୍ୱର ଉତ୍ତୋଳନ କରିବା ପୂର୍ବରୁ ସେମାନଙ୍କ ସ୍ୱର ଶେଷଥର ପାଇଁ ବନ୍ଦ ହୋଇଯାଇଥିଲା । ଏହି ଦେଶର ସ୍ୱାଧୀନତା ଆନ୍ଦୋଳନର ଶହୀଦ ଭାବରେ ସେମାନେ ପ୍ରଥମେ ଏହି ଦୁଇଟି ସ୍ଲୋଗାନ ଦେଇଥିଲେ । ୨୨ ମାର୍ଚ୍ଚ ୧୯୩୧ ରେ, ଭଗତ ସିଂ ଫାଶୀ ଆରୋହଣ କରିବାର ଗୋଟିଏ ଦିନ ପୂର୍ବରୁ, ତାଙ୍କର କିଛି ସାଥୀ ତାଙ୍କୁ ଗୁପ୍ତରେ ଜେଲରୁ ବାହାରକୁ ନେବାକୁ ଅନୁମତି ମାଗିଥିଲେ, ଯାହା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପରେ ସେ ଲିଖିତ ଭାବରେ ଉତ୍ତର ଦେଇଥିଲେ– ବଞ୍ଚିବାର ଇଚ୍ଛା ହେଉଛି ପ୍ରାକୃତିକ ଏହା ମଧ୍ୟ ମୋ ଭିତରେ ଅଛି ମୁଁ ଏହାକୁ ଲୁଚାଇବାକୁ ଚାହେଁ ନାହିଁ କିନ୍ତୁ ଏହା ସର୍ତ୍ତମୂଳକ ଅଟେ । ମୁଁ କଏଦୀ ଭାବରେ କିମ୍ବା ପ୍ରତିବନ୍ଧକ ଅନୁଯାୟୀ ବଞ୍ଚିବାକୁ ଚାହେଁ ନାହିଁ । ମୋର ନାମ ଭାରତୀୟ ବିପ୍ଳବର ପ୍ରତୀକ ପାଲଟିଛି । ଯଦି ମୁଁ ଫାଶୀରୁ ରକ୍ଷା ପାଇବି, ତେବେ ଏହି ଦୁର୍ବଳତା ସେମାନଙ୍କ ଆଗରେ ଆସିବ ଏବଂ ବିପ୍ଳବର ପ୍ରତୀକ କ୍ଷୟ ହୋଇଯିବ କିମ୍ବା ବୋଧହୁଏ ଏହା ସମ୍ପୂର୍ଣ୍ଣ ରୂପେ ଲୋପ ପାଇପାରେ । ଅନ୍ୟପଟେ, ଯଦି ମୁଁ ସାହସର ସହିତ ଏବଂ ହସଖୁସିରେ ଫାଶୀ ଲଗାଏ, ତାହା ଭାରତୀୟ ମାତାମାନଙ୍କୁ ପ୍ରେରଣା ଯୋଗାଇବ ଏବଂ ସେମାନେ ଆଶା କରିବେ ଯେ ସେମାନଙ୍କର ପିଲାମାନେ ମଧ୍ୟ ଭଗତ ସିଂ ହେବା ଉଚିତ୍ । ଏହିପରି ଆମ ଦେଶର ସ୍ୱାଧୀନତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ବ୍ୟକ୍ତିଙ୍କ ସଂଖ୍ୟା ବହୁତ ବୃଦ୍ଧି ପାଇବ ତୁମେ ଏହା ଉପରେ ଚିନ୍ତା କର ଯଦିଓ ତାଙ୍କ ଜୀବନ ବଞ୍ଚାଇବାକୁ ଚେଷ୍ଟା ପାଇଁ ଏକ ପ୍ରସ୍ତାବ ଦିଆଯାଇଥିଲା, ଏହି ମହାନ ବିପ୍ଳବୀ ଏହାକୁ କିପରି ପ୍ରତ୍ୟାଖ୍ୟାନ କଲେ, କେବଳ ଦେଶର ଛାତ୍ର ଓ ଯୁବକମାନଙ୍କୁ ପ୍ରେରଣା ଦେବା ଉଦ୍ଦେଶ୍ୟରେ ଫାଶୀ ଲଗାଇବାକୁ ପସନ୍ଦ କଲେ, ଯାହାଫଳରେ ଭାରତର ମାତାମାନେ ସ୍ୱାଧୀନତା ଆନ୍ଦୋଳନର ଯଜ୍ଞରେ ନିଜ ପିଲାମାନଙ୍କୁ ବଳିଦାନ ଦେବା ପାଇଁ ସେମାନଙ୍କ ପିଲାମାନଙ୍କୁ ପ୍ରସ୍ତୁତ କରିପାରନ୍ତି ଏବଂ ବିପ୍ଳବର ପ୍ରତୀକ ଅପମାନିତ ହୋଇପାରିବ ନାହିଁ ଯେତେବେଳେ ଗଦର ପାର୍ଟିର ଶକ୍ତିଶାଳୀ ଏବଂ ପ୍ରମୁଖ ନେତା, ବ୍ରିଟିଶ ଜେଲର ବନ୍ଦୀ ସର୍ଦ୍ଦାର ସୋହାନ ସିଂ ତାଙ୍କ ମୃତ୍ୟୁ ପୂର୍ବରୁ ଭଗତ ସିଂଙ୍କୁ ପଚାରିଲେ – 'ଭଗତ, ତୁମର ସମ୍ପର୍କୀୟମାନେ ତୁମକୁ ଦେଖା କରିବାକୁ କାହିଁକି ଆସିଲେ ନାହିଁ?' ହସୁଥିବା ଭଗତ ସିଂ ଉତ୍ତର ଦେଇଥଲେ – 'ମୋର ରକ୍ତ ସମ୍ବନ୍ଧୀୟ ସମ୍ପର୍କ ଶହୀଦ ଖୁଦିରାମ ବୋଷ ଏବଂ ସହିଦ କରତାର ସିଂ ସରାଭାଙ୍କ ସହିତ ଅଛି ଆମର ରକ୍ତ ସମାନ, ଏହା ସମାନ ମୂଳରୁ ଦେଖା ଦେଇଛି ଏବଂ ସେଠାକୁ ଫେରି ଆସିବ । ଏହା ମହତ୍ତ୍ୱପୂର୍ଣ୍ଣ ଯେ, ସେ କିପରି ସହିଦ ଏବଂ ବିପ୍ଳବୀଙ୍କ ସହ ତାଙ୍କର ସମ୍ପର୍କକୁ ସ୍ୱୀକାର କରିଥିଲେ ଯେ ସେମାନେ ସମାନ ରକ୍ତଦାନର ବୋଲି ଘୋଷଣା କରିଥିଲେ । ଅପରାହ୍ନରେ ଲାହୋର ସେଣ୍ଟ୍ରାଲ ଜେଲରେ ଏକ ଘଟଣା ଉଲ୍ଲେଖନୀୟ କିନ୍ତୁ ଅନେକଙ୍କ ପାଇଁ ଅଜଣା । ଜେଲର ମୁଖ୍ୟ ୱାର୍ଡେନ ସର୍ଦ୍ଦାର ଚତାର ସିଂ ଭଗତ ସିଂଙ୍କ ନିକଟକୁ ଏକ ଧାର୍ମିକ ଶାସ୍ତ୍ର ଆଣି ଏହାକୁ ପଢିବାକୁ ଅନୁରୋଧ କରିଥିଲେ । ସେ ଜାଣିଥିଲେ ଯେ ଭଗତ ସିଂ ଜଣେ ନାସ୍ତିକ ଏବଂ ତେଣୁ ସେ ଅନୁଭବ କଲେ ଯେ ଭଗତ ସିଂ ମୃତ୍ୟୁଦଣ୍ଡର କିଛି ଘଣ୍ଟା ପୂର୍ବରୁ ନିଜକୁ ଭଗବାନଙ୍କୁ ମନେ ପକାଇବା ଉଚିତ୍ । ଭଗତ ସିଂ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଜୋରରେ ହସିଲେ, 'ଯଦି, ମୋର ମୃତ୍ୟୁଞ୍ଚ ପୂର୍ବରୁ ଶେଷ ମୁହୂର୍ତ୍ତରେ, ମୁଁ 'ପ୍ରଭୁ' ନାମ ନେଇଥାଏ, ସେ ନିଶ୍ଚିତ ଭାବରେ କହିବେ, 'ଏହି ଭୟଭୀତ ବ୍ୟକ୍ତିଙ୍କୁ ଦେଖ, ସେ ମୋ ଜୀବନରେ ମୋ ନାମ ନେବାକୁ କେବେ ଭାବି ନଥିଲେ, କିନ୍ତୁ ବର୍ତ୍ତମାନ, ଫାଶୀ ଆଡକୁ, ସେ ଭୟଭୀତ ଅଛନ୍ତି ଏବଂ ତେଣୁ ସେ ମୋ ନାମକୁ ଆହ୍ୱାନ କରୁଛନ୍ତି । ବହୁତ ଭଲ ହେବ ଯେ ମୁଁ ଏହି ଦୁନିଆକୁ ସେହିଭଳି ଛାଡିଛି ଯେପରି ମୁଁ ସେଠାରେ ବାସ କରିଥିଲି । ଏହା ସତ୍ୟ ଯେ କିଛି ଲୋକ ମୋତେ ନାସ୍ତିକ ଭାବରେ ନିନ୍ଦା କରିଛନ୍ତି, କିନ୍ତୁ ଅନ୍ତତଃ ପକ୍ଷେ କେହି ମୋତେ ବିଶ୍ୱାସ କିମ୍ବା ବିଶ୍ୱାସଘାତକ ବୋଲି କହିବେ ନାହିଁ । କେହି କେହି କହିପାରିବେ ନାହିଁ ଯେ ଅନ୍ତିମ ମୁହୂର୍ତ୍ତରେ ମୃତ୍ୟୁମୁଖରେ ଥିବାବେଳେ ତାଙ୍କ ଗୋଡ ଭୟଭୀତ ହୋଇ ଥରି ଉଠୁଛି । 'କେବଳ ନିଜ ଭାବନାରେ ବିଶ୍ୱାସ ଏବଂ ନାସ୍ତିକତା ଉପରେ ବିଶ୍ୱାସର ଶକ୍ତି ବିଷୟରେ ଚିନ୍ତା କର, ମୃତ୍ୟୁର ଶେଷ ମୁହୂର୍ତ୍ତରେ ଏହାକୁ ଏପରି ନିର୍ଭୟରେ କହିବା ଅର୍ଥାତ୍ ଶହୀଦ ଭଗତ ସିଂଙ୍କ ଚରିତ୍ର, ଧାରଣା ଏବଂ ଚିନ୍ତାଧାରାକୁ ହୃଦୟଙ୍ଗମ କରିବା ପାଇଁ ତାଙ୍କର କିଛି ମୂଲ୍ୟବାନ ବକ୍ତୃତା ଏବଂ ଲେଖା ଗୁଡିକ ପଢିବା ଉଚିତ ଯେହେତୁ ଏହି ସମ୍ଭ୍ରାନ୍ତ ଚରିତ୍ରମାନଙ୍କର ଉପାସନା ଏହି ଦେଶରେ ସମ୍ପୂର୍ଣ୍ଣ ଏବଂ ଚତୁରତାର ସହିତ ନିଷିଦ୍ଧ କରାଯାଇଛି, ଅନେକେ ସେମାନଙ୍କର ଧାରଣା ଏବଂ ଚିନ୍ତାଧାରା ସହିତ ପରିଚିତ ନୁହଁନ୍ତି, ଯାହା ଯଦି ସେମାନେ ଜାଣନ୍ତି, ତେବେ ସେମାନଙ୍କୁ ଗଭୀର ବିସ୍ମିତ କରିବ ଅଧିକନ୍ତୁ, ଏହି ଧାରଣା ଏବଂ ଚିନ୍ତାଧାରା ଅତ୍ୟନ୍ତ ମୂଲ୍ୟବାନ, ଶିକ୍ଷଣୀୟ ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ବହୁତ ପ୍ରାସଙ୍ଗିକ ମହାନ ମାର୍କ୍ସବାଦୀ ଚିନ୍ତକ ଶିବଦାସ ଘୋଷ କହିଛନ୍ତି, ଆମକୁ ହୃଦୟଙ୍ଗମ କରିବାକୁ ହେବ ଯେ ଗୁଣ ଏବଂ ସଫଳତା ସ୍ୱର୍ଗରୁ ପଡ଼େନାହିଁ– ଏଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସଂଗ୍ରାମର ନିର୍ଦ୍ଦିଷ୍ଟ ଉତ୍ପାଦ। ଯେଉଁମାନେ ବିଶ୍ୱାସ କରନ୍ତି ଯେ ପ୍ରତିଭା, ବ୍ୟକ୍ତିତ୍ୱ, ପ୍ରତିଭା ଜନ୍ମଗ୍ରହଣ କରନ୍ତି ସେମାନଙ୍କ ସହିତ ମୁଁ ଏକମତ ନୁହେଁ । ମୋ ମତରେ, ମନୁଷ୍ୟର ଚେତନା ସର୍ବଦା ଜନ୍ମ ଏବଂ ବାସ କରୁଥିବା ପରିବେଶ ସହିତ ପ୍ରତିବାଦ ଏବଂ ଦ୍ୱନ୍ଦ୍ୱରେ ଥାଏ ପ୍ରକୃତରେ ମଣିଷ ପରିବେଶ ସହିତ ଦ୍ୱନ୍ଦ୍ୱ ଏବଂ ପ୍ରତିବାଦରେ ବିକାଶ କରେ । ସାମାଜିକ ପରିବେଶ ସହିତ ମନୁଷ୍ୟର ଚେତନାର ଚିରାଚରିତ ପ୍ରତିବାଦ ଏବଂ ଦ୍ୱନ୍ଦ୍ୱର ଏହି ପ୍ରକ୍ରିୟାରେ– ଜଣେ ବ୍ୟକ୍ତି କିପରି ଏବଂ କିପରି ଭାବରେ ଏହି ସଂଗ୍ରାମକୁ ପରିଚାଳନା କରେ ଏବଂ କେଉଁ ଆଦର୍ଶ, କେଉଁ ନୈତିକତା, କେଉଁ ଦୃଷ୍ଟିକୋଣ ଏବଂ ଏହି ସଂଗ୍ରାମ ପରିଚାଳନାରେ ସେ କେତେ ସଫଳ ହୁଏ– ଉପରେ – ସେ କେବଳ କେଉଁ ଚରିତ୍ର ସହିତ ଉଭା ହେବେ ତାହା କେବଳ ନିର୍ଭର କରେ । ସ୍ୱାଭାବିକ ଭାବରେ ଜଣେ ପ୍ରତିଭା, ବ୍ୟକ୍ତିତ୍ୱ, ପ୍ରତିଭା, ସେମାନେ ନିର୍ଦ୍ଦିଷ୍ଟ ସଂଘର୍ଷର ନିର୍ଦ୍ଦିଷ୍ଟ ଉତ୍ପାଦ ଅଟନ୍ତି । ତେଣୁ, ଆମେ ଏପରି ଏକ ଅସାଧାରଣ ଚରିତ୍ର ଏବଂ ପ୍ରତିଭା ହାସଲ କରିବା ପାଇଁ ଭଗତ ସିଂଙ୍କ ପରିବେଶ, ଆଦର୍ଶ ଏବଂ ସଂଗ୍ରାମର ପଦ୍ଧତିକୁ ବୁଝିବା ଏହାକୁ ବିନା ବୁଝି ଭଗତ ସିଂଙ୍କ ଚରିତ୍ର ଏବଂ ତାଙ୍କର ରାଜନୀତିର ଦର୍ଶନକୁ ବୁଝିବା ସମ୍ଭବ ହେବ ନାହିଁ ଭଗତ ସିଂଙ୍କ ରାଜନୈତିକ ଜୀବନ ଏବଂ ବିଚାର ଅନ୍ୟମାନଙ୍କ ଠାରୁ ଅଲଗା କାହିଁକି ଏବଂ କେଉଁଠାରେ ଏହା ଅଲଗା । ଏହା ଜାଣିବା ଅନିବାର୍ଯ୍ୟ, କାରଣ ଏହା ନଜାଣିଲେ ଅନ୍ୟମାନଙ୍କ ସହିତ ଭଗତ ସିଂଙ୍କୁ ମିଳାଇଦେବା ଅବୈଜ୍ଞାନିକ ହେବ, କାରଣ ଭଗତ ସିଂଙ୍କ ବିଚାର କ୍ରାନ୍ତିକାରୀ, ସମାଜବାଦୀ ଏବଂ ଆପୋଷହୀନ ଥିଲା । ସରା ସ୍ୱାଧୀନତା ସଂଗ୍ରାମ ସମୟରେ ତାଙ୍କର ବିଚାର ଆପୋଷ ହୀନ ଥିଲା । କ୍ରାନ୍ତିକାରୀ ରାଜନୀତି ଉତ୍ତମ ଭାବନାରୁ ଆସିଥାଏ ଯେତେବେଳେ କି, ଏହାର କାର୍ଯ୍ୟକାରିତା ଶୈଳୀ ଦୟାହୀନ ଦେଖାଯାଏ । ବାହ୍ୟରେ, ଏହା ଦେଖାଯାଏ ଯେପରି ଏହା କରୁଣା ଏବଂ କୋମଳତା ଠାରୁ ବଞ୍ଚିତ, ଏହା ଏକ ଯନ୍ତ୍ର ପରି । କିନ୍ତୁ ବାସ୍ତବରେ ଏହା ପ୍ରକୃତରେ ନୁହେଁ କର୍ତ୍ତବ୍ୟ ପ୍ରତି ଏହି ପ୍ରତିବଦ୍ଧତାରେ ବିପ୍ଳବୀଙ୍କ କୋମଳ ହୃଦୟର ପ୍ରକୃତ ପ୍ରକୃତି ପ୍ରକାଶ ପାଏ । ମୂଲ୍ୟବୋଧ କ୍ଷେତ୍ରରେ ସେମାନେ କରିଥିବା ବୈପ୍ଳବିକ ପରିବର୍ତ୍ତନ ସହିତ ସମଗ୍ର ସମାଜର ଯନ୍ତ୍ରଣା ଏବଂ ଦୁଃଖ ବିପ୍ଳବୀଙ୍କ ଉପରେ ଏତେ ଅନୁପ୍ରବେଶକାରୀ ପ୍ରଭାବ ପକାଏ ଯେ ସେମାନେ ବିପ୍ଳବକୁ ଏକ ଠୋସ୍ ବାସ୍ତବତାରେ ପରିଣତ କରିବାକୁ ସଂକଳ୍ପବଦ୍ଧ ହୋଇଥାନ୍ତି । ସେଥିପାଇଁ, ବିପ୍ଳବୀମାନେ ସେମାନଙ୍କର କର୍ତ୍ତବ୍ୟକୁ ଅବହେଳା କରନ୍ତି ନାହିଁ । ବାସ୍ତବରେ ଏହିପରି ଉନ୍ନତ ଚରିତ୍ରଗୁଡିକ ଭଗତ ସିଂଙ୍କ ଭିତରେ ଦେଖାଯାଏ । ଏତେ କମ ବୟସରେ ଏତେ ଉନ୍ନତ ଚରିତ୍ର ଏବଂ ଅସୀମ ଜ୍ଞାନର ଅଧିକାରୀ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମରେ ବିରଳ । ଭଗତ ସିଂହଙ୍କର ବଳିଷ୍ଠ ଚରିତ୍ର ଯୁବ ସମାଜ ପାଇଁ ପ୍ରେରଣାର ଶ୍ରୋତ ହୋଇ ରହିବ ।



*ସୁଜନପୁର, ଯାଜପୁର*
*ମୋ. ୯୩୪୮୭୬୮୮୧୨*